## ଶୈଳଶ୍ରୀକ୍ଷେତ୍ରରେ ପବିତ୍ର ରଥଯାତ୍ରାର ସୁପରିଚାଳନା ନିମନ୍ତେ ବ୍ୟାପକ ପ୍ରସ୍ତୁତି ।

ଅନୁଗୋଳ,ତା.୦୧.୦୭:- ଶୈଳଶ୍ରୀକ୍ଷେତ୍ରରେ ପବିତ୍ର ରଥଯାତ୍ରାର ସୁପରିଚାଳନା ନିମନ୍ତେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟୀ ତରଫରୁ ହୋଇଥିବା ବ୍ୟାପକ ପ୍ରସ୍ତୁତି ସମ୍ପର୍କରେ ଆଜି ପୂର୍ବାହ୍ନରେ ବେଦଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ମନ୍ଦିର ପରିଚାଳନା କମିଟୀର ସମ୍ପାଦକ ଶ୍ରୀ ହେମନ୍ତ କୁମାର ଦାସ ଶ୍ରୀ ଜିଉମାନଙ୍କର ରଥଯାତ୍ରା, ନବଯୌବନ ଦର୍ଶନ ଓ ସୁନାବେଶର ରିତିନୀତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଜୁଲାଇ ୨ ତାରିଖରେ ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ନୀତି ପ୍ରାତଃ ୬ଘ.୩୦ ମିରୁ ୮ଘ ୩୦ ମି ମଧ୍ୟରେ ଅନୁଷ୍ଠିତ ହେଉଥିବା ବେଳେ ସକାଳ ୧୦ଘଟିକାରୁ ୧୧.୩୦ମିରେ ସର୍ବସାଧାରଣ ଦର୍ଶନ ହେବ । ଜୁଲାଇ ୪ ତାରିଖରେ ଶ୍ରୀଗୁଣ୍ଡିଚା ରଥଯାତ୍ରା ଅନୁଷ୍ଠିତ ହୋଇ ସକାଳ ୮ଟାରୁ ୯ ଟା ମଧ୍ୟରେ ଶ୍ରୀଜିଉମାନଙ୍କର ପହଣ୍ଡି ବିଜେ, ୧୨ ଘଟିକାରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ମିତ୍ରଭାନୁ ମହାପାତ୍ରଙ୍କ ଦ୍ୱାରା ଛେରାପହଁରା ଓ ଅପରାହ୍ନ ୩ ଘଟିକାରେ ରଥଟଣାର ଶୁଭାରମ୍ଭ ହେବ । ୭ ତାରିଖରେ ହେରାପଞ୍ଚମୀ ପର୍ବ ଓ ୯ ତାରିଖ ସନ୍ଧ୍ୟାରେ ସନ୍ଧ୍ୟାଦର୍ଶନ ଓ ପର୍ଣ୍ଣରାମାଷ୍ଟମୀ ପର୍ବ ଅନୁଷ୍ଠିତ ହୋଇ ୧୨ ତାରିଖରେ ବାହୁଡା ଯାତ୍ରା ଅନୁଷ୍ଠିତ ହେବ । ୧୩ ତାରିଖ ସନ୍ଧ୍ୟା ଆଳତୀ ପରେ ଶ୍ରୀ ଜୀଉମାନଙ୍କର ରଥ ଉପରେ ସୁନାବେଶ ଦର୍ଶନ ହେବ । ଶ୍ରୀ ଜୀଉମାନଙ୍କର ଏହି ସବୁ ରିତିନୀତିକୁ ସୁରୁଖୁରୁରେ ସମାପନ ନିମନ୍ତେ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟୀ , ଜିଲ୍ଲାପ୍ରଶାସନ ଓ ପୋଲିସ ପ୍ରଶାସନର ମିଳିତ ସହଯୋଗରେ ବ୍ୟାପକ ଆୟୋଜନ ହୋଇଛି । ରଥଟଣା କାର୍ଯ୍ୟକୁ ଶାନ୍ତିଶୃଙ୍ଖଳାର ସହ ସମାପନ ନିମନ୍ତେ ତାଳଧ୍ୱଜ ରଥ ଦାୟିତ୍ୱରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ନନ୍ଦିଘୋଷ ରଥ ଦାୟିତ୍ୱରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ବନ୍ଧୋପାଧ୍ୟାୟ, ଓ ଦର୍ପଦଳନ ରଥ ଦାୟିତ୍ୱରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଦୁନାଥ ହାଁସଦାଙ୍କୁ ରଖାଯାଇଛି । ଶ୍ରୀଜିଉମାନଙ୍କର ରିତିନୀତି,ରଥଟଣା ଓ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ମହିମା ସମ୍ପର୍କରେ ମନ୍ଦିର ପରିଚାଳନା କମିଟୀ ତରଫରୁ ଧାରା ବିବରଣୀ କାର୍ଯ୍ୟ ଅନୁଷ୍ଠିତ ହେବ । ସେହିପରି ୫ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଗୁଣ୍ଡିଚା ମନ୍ଦିର ଠାରେ ଏବଂ ୧୨ ଓ ୧୩ ତାରିଖରେ ଜଗନ୍ନାଥ ମନ୍ଦିର ସିଂହଦ୍ୱାରଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ରଥଯାତ୍ରା ଦେଖିବାକୁ ଆସୁଥିବା ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ଜନସ୍ୱାସ୍ଥ୍ୟ ଓ ପୌରପାଳିକା ଦ୍ୱାରା ପାନୀୟ ଜଳ ଯୋଗାଣ ଓ ଗରମ ରାସ୍ତା ଗୁଡ଼ିକରେ ସତ୍ୟସାଇ ସେବା ସମିତି ଦ୍ୱାରା ଥଣ୍ଡା ପାଣି ସିଞ୍ଚନ କରାଯିବ । ସେହିପରି ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତି ଓ ମହିମାର ପ୍ରଚାର ପ୍ରସାରକୁ ନେଇ ବିଭିନ୍ନ ଧାର୍ମିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ଭଜନ କିର୍ତ୍ତନରେ ରଥ ସମ୍ମୁଖରେ ଶୋଭାଯାତ୍ରା ଅନୁଷ୍ଠିତ ହେବ । ଏହାଛଡା ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଥଣ୍ଡାପାନୀୟ ଓ ପ୍ରସାଦ ବଣ୍ଟନର ବ୍ୟବସ୍ଥା ହୋଇଛି । ରଥଯାତ୍ରାର ସୁପରିଚାଳନା କାର୍ଯ୍ୟକୁ ତଦାରଖ କରିବା ନିମନ୍ତେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଅନୁଗୋଳ ଶାଖା ତରଫରୁ ବ୍ୟାଙ୍କ ସମ୍ମୁଖରେ ଏକ ନିୟନ୍ତ୍ରଣ କକ୍ଷ ଓ ସୂଚନା କେନ୍ଦ୍ର ଖୋଲାଯାଇ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କୁ ନିୟୋଜିତ କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଶ୍ରୀ ଆନନ୍ଦ ଚନ୍ଦ୍ର ମହାପାତ୍ରଙ୍କ ସମେତ ଅନାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।



